ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26. No.98 Bhubaneswar Monday May 22, 2023 ୨୬ତମ ବର୍ଷ ସଂଖ୍ୟା-୯୮ ଭୁବନେଶ୍ୱର, ସୋମବାର, ମଇ ୨୨,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ରାଜ୍ୟ ସ୍ତରୀୟ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୨ତମ ମହାପ୍ରୟାଣ ଦିବସ ଓ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଉତ୍ସବ









**ଭୁବନେଶ୍ୱର(ପିଏନ):** ରାଜ୍ୟ ସ୍ତରୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀ ରାଜୀବ ଗାନ୍ଧୀଙ୍କ ୩୨ତମ ମହାପ୍ରୟାଣ ଦିବସ, ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଉତ୍ସବ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡ଼ି ସର୍କଲ ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଅଧକ୍ଷତା କରିଥିଲେ। ଗ୍ରାମାଂଚଳରେ ବିକାଶ ହେଲେ ଦେଶର ପ୍ରକୃତ ବିକାଶ ହୋଇପାରିବ। ଗରିବୀ ଦେଶର ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଏହା ନିରାକାରଣ ପାଇଁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀ ସର୍ବଦା ଚେଷ୍ଟା କରି ଆସୁଥିଲେ। ସମଗ୍ର ବିଶ୍ୱକୁ ଲକ୍ଷକଲେ ଆମ ଦେଶର ଗରୀବର ଚିତ୍ର ଅତି ସ୍ପଷ୍ଟ। ବିଂଶ ଶତାବ୍ଦୀରେ ରାଜୀବ ଗାନ୍ଧୀ ସମଗ୍ର ଭାରତ ବର୍ଷକୁ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ସ୍ୱାବଲମ୍ବି କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରି ଯଥେଷ୍ଟ ସଫଳ ଲାଭ କରିଥିଲେ ହେଁ ଏକବିଂଶ ଶତାବ୍ଦୀ ପାଇଁ ସେହି ଦିବଙ୍ଗତ ନେତାଙ୍କ ନେତୃତ୍ୱ ଦେଶ ଲାଭ କରିଥିଲେ ଭାରତ ବର୍ଷ ବିଶ୍ୱର ଅନ୍ୟତମ ଅଗ୍ରଣୀ ସୂଚନା ପ୍ରଯୁକ୍ତି ରାଷ୍ଟ୍ରଭାବେ ଦଣ୍ଡାୟମାନ ହୋଇପାରିଥାନ୍ତା। ୧୮ ବର୍ଷର ଭୋଟଦାନ ଅଧିକାର ଦେଶକୁ ବିକାଶ ପଥରେ ଆଗେଇ ନେବା କ୍ଷେତ୍ରରେ ଓ କ୍ଷମତାର ବିକେନ୍ଦ୍ରିକରଣ ତାଙ୍କର ଭୂମିକାକୁ ଇତିହାସ ମନେରଖିବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନୀୟ ଅତିଥିଭାବେ ଯୋଗଦାନ କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ଭାରତର ସ୍ୱାଭିମାନ ଓ ଅଖଣ୍ଡତା ପାଇଁ ରାଜୀବ ଗାନ୍ଧୀ ଜୀବନକୁ ବଳିଦାନ ଦେଇଥିଲେ। ଗରିବ ଚିହ୍ନଟ ଓ ସେମାନଙ୍କ ନିକଟରେ ଆବଶ୍ୟକ ସେବା ପହଂଚାଇବା ପାଇଁ ସ୍ୱର୍ଗତ ଗାନ୍ଧୀ ଯେଉଁ ଉପାୟ ଆପଣେଇଥିଲେ ତାହା ସ୍ୱାଗତଯୋଗ୍ୟ। ତଥାପି ସେ ଅନୁଭବ କରିଥିଲେ ୧ ଟଙ୍କାରୁ ୧୫ ପଇସା ଲୋକଙ୍କ ପାଖରେ ପହଂଚୁଥିବା ଦୁଃଖର କଥା। ଜଣେ ମାନବବାଦି ନେତାଭାବେ ସେ ସମଗ୍ର ଦେଶବାସୀଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ଉତ୍ସବରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ ଯୋଗ ଦେଇ ରାଜୀବ ଗାନ୍ଧୀ ବିଶ୍ୱାସ କରୁଥିବା ଶାନ୍ତି, ଅହିଂସା ଓ ସତ୍ୟ ପ୍ରତି ଯୁବ ପିଢ଼ି ଅନୁପ୍ରାଣିତ ହେଲେ ମେରା ଭାରତ ମହାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ରାଜୀବ ଗାନ୍ଧୀ ତାଙ୍କ ଭାଷଣରେ କହୁଥିଲେ ମୁଁ ଜଣେ ଯୁବକ ଏ ଭାରତ ବର୍ଷ ହେଲା ଯୁବକ ମାନଙ୍କର ଦେଶ। ଯେତେ ପର୍ଯ୍ୟନ୍ତ ଭାରତ ବର୍ଷରେ ଯୁବକମାନଙ୍କର ବିକାଶ ହୋଇନାହିଁ। ସେତେପର୍ଯ୍ୟନ୍ତ ଏ ଦେଶରେ ବିକାଶ ହୋଇପାରିବ ନାହିଁ। ଦୈନିକ ଖବର କାଗଜ ପର୍ଯ୍ୟବେକ୍ଷକ ଓ କଳିଙ୍ଗ କ୍ରୋନିକିଲ୍‌ର ସଂପାଦକ ଡଃ ପବିତ୍ର ମୋହନ ସାମନ୍ତରାୟ, ସମାଜର ପୂର୍ବତନ ପରିଚାଳକ ଲୋକସେବକ ମଣ୍ଡଳ ସଦସ୍ୟ ପୂର୍ବତନ ପ୍ରଶାସକ ସୁରେଶ କୁମାର ମନ୍ତ୍ରୀ ପ୍ରମୁଖ ଯୋଗଦେଇ କହିଥିଲେ ଯେ ରାଜୀବ ଗାନ୍ଧୀ ୧୦୦ ବର୍ଷ ପୂର୍ବରୁ ଓ ୧୦୦ ବର୍ଷ ପରର ଭାରତ ବର୍ଷ ସଂପର୍କରେ ଚିନ୍ତା କରିଥିଲେ, ସ୍ୱପ୍ନ ଦେଖୁଥିଲେ ଏବଂ କାର୍ଯ୍ୟ କରୁଥିଲେ। ସେହିପରି ଭାବରେ ସଭାପତି ସତ୍ୟବ୍ରତ ନାୟକ କହିଥିଲେ ଯେ, ରାଜୀବ ଗାନ୍ଧୀଙ୍କ ଅମ୍ଳାନର ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ସେତିକିବେଳେ ହେବ ଯେତେବେଳେ ଦେଶର ଯୁବପିଢ଼ି ରାଜୀବ ଗାନ୍ଧୀଙ୍କ ନିତୀ ଆଦର୍ଶ ଓ ଚିନ୍ତାଧାରାକୁ ଦେଶ ଗଠନ କରିବାରେ ବିନିଯୋଗ କରିବେ। ଆଜିର ଏହି ପ୍ରତିଭା ପୁରସ୍କାରରେ ପୁରସ୍କୃତ ଛାତ୍ରଛାତ୍ରୀମାନେ ସେବା ମନବୃତି ନେଇ ଭବିଷ୍ୟତରେ ସମାଜ ପାଇଁ ଓ ଦେଶ ପାଇଁ କାର୍ଯ୍ୟ କଲେ ଏହା ରାଜୀବ ଗାନ୍ଧୀଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ରାଜୀବ ଗାନ୍ଧୀ ଛାତ୍ର ଫୋରମ୍‌ର ସାଧାରଣ ସଂପାଦକ ପଦ୍ମାକର ଗୁରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣକରିଥିଲେ। ଏହି କାର୍ଯ୍ୟକ୍ରମରେ ୧୨୦ ଜଣଙ୍କୁ ସମ୍ମାନଜନକ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ସମ୍ବର୍ଦ୍ଧିତ କରାଯାଇଥିଲା। ଯଥା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖ୍ୟନୀୟ ଅବଦାନ ପାଇଁ ଶିକ୍ଷା ସମ୍ମାନ, ଏନ୍.ସି.ସି, ଏନ୍‌ଏସ୍‌ଏସ୍, ସ୍କାଉଡ୍‌ଗାଇଡ୍, ଯୁଥ ରେଡ଼କ୍ରସ, ସାହିତ୍ୟ, ଓଡ଼ିଶି, ସଂଗୀତ, କ୍ରିଡ଼ା ଏବଂ ଚିତ୍ରକଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟବ୍ରତ ନାୟକ, ବିପ୍ଳବ ଚୌଧୁରୀ, ବିମଳ ପ୍ରଧାନ, ସାଗର ପରିଡ଼ା, ଓମ୍ ପ୍ରକାଶ ଦାସ, ଦେବେନ୍ଦ୍ର ଦାସ, ବାନାମ୍ବର ବେହେରା ପ୍ରମୁଖ ରାଜ୍ୟକର୍ମକର୍ତାମାନେ ଉପସ୍ଥିତ ଥିଲେ।




### ଅନୁଗୋଳରେ 'ନାଲକୋ ଠିକା ମଜଦୁର ସଂଘ'ର ରୌପ୍ୟ ଜୟନ୍ତୀରେ କେନ୍ଦ୍ରମନ୍ତ୍ରୀ

## ମୋଦି ସରକାରରେ ଦେଶରେ ଶ୍ରମର ପରିଭାଷା ବଦଳିବା ସହ ଶ୍ରମଶକ୍ତିର ସମ୍ମାନ ବଢ଼ିଛି-ଧର୍ମେନ୍ଦ୍ର ପ୍ରଧାନ



**ଅନୁଗୋଳ,(ପିଏନ):** ମୋଦି ସରକାରରେ ଦେଶରେ ଶ୍ରମର ପରିଭାଷା ବଦଳିବା ସହ ଶ୍ରମଶକ୍ତିର ସମ୍ମାନ ବଢ଼ିଛି ବୋଲି ରବିବାର ଅନୁଗୋଳର ନାଲକୋ ଅଡିଟୋରିୟମରେ 'ନାଲକୋ ଠିକା ମଜଦୁର ସଂଘର ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଠିକା ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ମୂଲ୍ୟକୁ ସର୍ବାଧିକ ବୃଦ୍ଧି ସହ ସେମାନଙ୍କ ସାମାଜିକ ସୁରକ୍ଷାକୁ ଅଧିକ ଧ୍ୟାନ ଦିଆଯାଇଛି । ଦେଶରେ ଶ୍ରମର ପରିଭାଷା ବଦଳିଛି । ଶ୍ରମିକ ଭାଇ ଭଉଣୀ ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା ହୋଇଛି । ମୋଦି ସରକାରରେ ଦେଶରେ ଶ୍ରମଶକ୍ତିର ସମ୍ମାନ ବଢ଼ିଛି ।
ଶ୍ରୀ ପ୍ରଧାନ କହିଛନ୍ତି ଯେ ୪୦ ବର୍ଷ ଧରି ନାଲକୋ ଅଞ୍ଚଳ ସହ ମୋର ସମ୍ପର୍କ ରହିଛି । ମୁଁ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ସହିତ ମଜଦୁର ସଂଘର କାର୍ଯ୍ୟକର୍ତ୍ତା । ମୁଁ ଶ୍ରମିକ ଅଞ୍ଚଳରୁ ଆସିଛି ଏବଂ ପିଲା ଦିନରୁ ଏହାକୁ ଭଲ ଭାବରେ ବୁଝିଛି । ଗରିବ ଓ ଶ୍ରମିକଙ୍କ ସ୍ୱାର୍ଥ ଏବଂ ହକ୍ ପାଇଁ ଲଢୁଥିବା ସଂଗଠନକୁ ସବୁବେଳେ ସମର୍ଥନ କରିଆସିଛି । ମଜଦୁରର କୌଣସି ଜାତି ନାହିଁ । ମଜଦୁରର ଗୋଟେ ଜାତି ଏବଂ ତାହା ହେଉଛି ପରିଶ୍ରମ କରିବା । ତେଣୁ ନାଲକୋ ମ୍ୟାନେଜମେଣ୍ଟକୁ ସେମାନଙ୍କର କଲ୍ୟାଣ ପାଇଁ ଦାୟିତ୍ୱ ନେବାକୁ ପଡିବ । ନାଲକୋରେ ସ୍ଥାନୀୟ ସ୍କୁଲ ଗୁଡିକରେ ଅଧିକ ଶିକ୍ଷକ ନିଯୁକ୍ତି କରାଯାଉ । କଲୋନୀ ଭିତରୁ ସ୍କୁଲ ପିଲାଙ୍କ ପାଇଁ ବସ ଚଳାଚଳ କରିବାର ବ୍ୟବସ୍ଥା ହେଉ । ଏହାସହ ଠିକା ଶ୍ରମିକ ମାନଙ୍କ କଲ୍ୟାଣ ଏବଂ ସେମାନଙ୍କ ଅନ୍ୟାନ୍ୟ ଦାବିକୁ ଯଥୋଚିତ ସମ୍ମାନ ଦେବା ପାଇଁ ନାଲକୋ ପରିଚାଳନା କମିଟିକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ।ଅନୁଗୋଳରେ ନାଲକୋକୁ ବ୍ୟାପକ କରିବାରେ ମଜଦୁର୍ ସଂଘର ବଡ ଭୂମିକା ରହିଛି । ସ୍ଥାନୀୟ ଅଞ୍ଚଳର ଅର୍ଥନୀତିକୁ ବଢାଇବାରେ ମଧ୍ୟ ନାଲକୋର ଅଧିକ ଭୂମିକା ରହିଛି । ନାଲକୋର ଡିସଇନଭେଷ୍ଟମେଣ୍ଟ ଓ ଘରୋଇକରଣ ହେବ ନାହିଁ ବୋଲି ମୋଦି ସରକାର ନିଷ୍ପତି ନେଇଛନ୍ତି । ଆଜି ଏଠାରେ ପ୍ରତିଷ୍ଠିତ ଇଏସଆଇ ହସ୍ପିଟାଲ ଦ୍ୱାରା ଶ୍ରମିକ ବନ୍ଧୁମାନେ ଉପକୃତ ହୋଇଛନ୍ତି । ସ୍ଥାନୀୟ ଅଞ୍ଚଳରେ ନାଲକୋର ଚକ୍ଷୁ ଚିକିତ୍ସାଳୟ ଖୋଲିବା ପାଇଁ ଏଲ.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଖଣି ସମୃଦ୍ଧ ଅଞ୍ଚଳ ଅନୁଗୋଳକୁ ଆଗକୁ ନେବା ପାଇଁ ଆମ ପାଖରେ ବ୍ୟାପକ ସମ୍ଭାବନା ଅଛି । ବେଳେ ବେଳେ ଏଠାରେ ଆନ୍ଦୋଳନ କାରଣରୁ ଶ୍ରମିକ ଏବଂ ରାଜ୍ୟ ଓ ଦେଶର ରାଜସ୍ୱ କ୍ଷତି ହେଉଛି । ନାଲକୋର କାପାସିଟି ବଢୁ । ନାଲକୋ ପ୍ରତି ଲୋକଙ୍କ ଦାୟିତ୍ୱ ବଢୁ । ଠିକା ଶ୍ରମିକ ମାନଙ୍କ ସହ ସାମୂହିକ ନେତୃତ୍ୱରେ ହିଁ ନାଲକୋର ଉନ୍ନତି ସହ ସ୍ଥାନୀୟ ଅଞ୍ଚଳରେ ବିକାଶ ଦ୍ରୁତଗାମୀ ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।ସୂଚନାଯୋଗ୍ୟ, ନାଲକୋ ଅଞ୍ଚଳରେ ଇଏସଆଇ ହସ୍ପିଟାଲ କାର୍ଯ୍ୟକ୍ଷମ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଶ୍ରମିକ ସଂଘ ଧନ୍ୟବାଦ ଜଣାଇଥିଲେ ।

## ନୂଆ ମନ୍ତ୍ରୀ ହେବେ ବିକ୍ରମ, ସୁଦାମ ଓ ସାରଦା; ଆଜି ନେବେ ଶପଥ







**ଭୁବନେଶ୍ୱର(ପିଏନ):** ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସୋମବାର ସକାଳ ୯ଟା ୫୦ରେ ତିନି ଜଣ ନୂଆ ମନ୍ତ୍ରୀ ଶପଥ ନେବେ। ସ୍ୱାସ୍ଥ୍ୟ, ଶିକ୍ଷା ଓ ଶ୍ରମ ମନ୍ତ୍ରୀ ଭାବେ ତିନି ଜଣ ବିଧାୟକଙ୍କୁ ଦାୟିତ୍ୱ ମିଳିବ। ବିଧାୟକ ବିକ୍ରମ କେଶରୀ ଆରୁଖ, ସୁଦାମ ମାରାଣ୍ଡି ଓ ସାରଦା ପ୍ରସନ୍ନ ନାୟକଙ୍କୁ ଆଜି ସନ୍ଧ୍ୟାରେ ଫୋନ୍ କଲ ଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ତିନି ବିଧାୟକ ନିଜ ନିଜ ଅଞ୍ଚଳରେ ଦକ୍ଷ ଏବଂ ସଂଗଠନର ବିକାଶ ପାଇଁ ତୃଣମୂଳ ସ୍ତରରେ କାମ କରିଛନ୍ତି। ସେହିପରି ୩ ଜଣ ବିଧାୟକ ମଧ୍ୟ ପୂର୍ବରୁ ମନ୍ତ୍ରୀ ପଦରେ ରହି ଦାୟିତ୍ୱ ତୁଲାଇଛନ୍ତି। ତେବେ କେଉଁ ବିଧାୟକଙ୍କୁ କେଉଁ ମନ୍ତ୍ରୀ ପଦ ମିଳିବ ତାହା ଏପର୍ଯ୍ୟନ୍ତ ଜଣାପଡି ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିବେ। ଏନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ନୂଆ ମନ୍ତ୍ରୀ ଶପଥ ନେବେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଦିନକ ପୂର୍ବରୁ ଅର୍ଥାତ୍ ରବିବାର ରାତି ୮ଟାରେ ହରିଆନାରୁ ଫେରିଛନ୍ତି।
ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ ବାଚସ୍ପତି ଓ ଦୁଇ ମନ୍ତ୍ରୀ ଇସ୍ତଫା ଦେଇଥିବା ବେଳେ ପୂର୍ବରୁ ମନ୍ତ୍ରୀ ନବ ଦାସଙ୍କ ପରଲୋକ ଘଟିଛି। ତେଣୁ ୩ଜଣ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇପାରିବେ। ପରବର୍ତ୍ତୀ ସମୟରେ ନୂଆ ବାଚସ୍ପତି ଚୟନ ହେବେ। କାହା ଉପରେ ମୁଖ୍ୟମନ୍ତ୍ରୀ ସୁନା କଳସ ଢାଳିବେ, ତାହାକୁ ନେଇ ଜୋର୍‌ଦାର ଅଙ୍କକଷା ଚାଲିଛି। ମନ୍ତ୍ରୀ ପଦ ଏକ ବର୍ଷରୁ କମ୍ ସମୟ ପାଇଁ ମିଳୁଥିଲେ ବି ସମସ୍ତଙ୍କ ନଜର ତାହା ଉପରେ ରହିଛି।

### ୫-ଟି ସଚିବଙ୍କ ନୂଆପଡ଼ା ଗସ୍ତ

## ଯୋଗେଶ୍ୱର ମହାଦେବ ମନ୍ଦିରର ହେବ ରୂପାନ୍ତର

**ଭୁବନେଶ୍ୱର,(ପିଏନ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କଳାହାଣ୍ଡି ଓ ନୂଆପଡାକୁ ତିନି ଦିନିଆ ଗସ୍ତରେ ଯାଇଥିବା ୫-ଟି ସଚିବ ଭି କେ ପାଣ୍ଡିଆନ ଆଜି ତୃତୀୟ ଦିନରେ ନୂଆପଡ଼ା, ସିନାପାଲି, ଖରିଆର, ବୋଡ଼େନ, କୋମନା ଆଦି ବ୍ଲକ ଅଂଚଳ ପରିଦର୍ଶନ କରି ବିକାଶ କାମର ସମୀକ୍ଷା କରିବା ସହିତ ସାଧାରଣ ଲୋକଙ୍କ ସହିତ ସେମାନଙ୍କ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରିଛନ୍ତି।

ଶ୍ରୀ ପଣ୍ଡିଆନ ପ୍ରଥମେ ଗଡରମାଲ ଠାରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଂଚଳ ପରିଦର୍ଶନ କରି ସେଠାରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରକଳ୍ପରେ ୮୧୯ ହେକ୍ଟର ଜମି କୁ ପାଣି ଦିଆ ଯାଉଥିବା ବେଳେ ୧୬୩୦ ଚାଷୀ ପରିବାର ଏହାଦ୍ୱାରା ଉପକୃତ ହେଉଛନ୍ତି। ପାରମ୍ପରିକ ଚାଷକୁ ଛାଡି ମକା, ବାଦାମ, କାଜୁ, ଓ ପନିପରିବା ଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ଏହି ପ୍ରକଳ୍ପକୁ ଆହୁରି ସମ୍ପ୍ରସାରଣ କରାଯାଇ ଚାଷୀ ମାନଂକୁ କିପରି ଅଧିକ ଜଳ ସେଚନ ସୁବିଧା ଦିଆ ଯାଇ ପାରିବ, ଶ୍ରୀ ପାଣ୍ଡିଆନ ସେ ସଂପର୍କରେ ଜଳ ସେଚନ ବିଭାଗ ଯନ୍ତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏ ସଂପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ତୁରନ୍ତ ପ୍ରଦାନ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି କୋନବିରା ରେ ଜଳ ସେଚନ ସମ୍ଭାବନାକୁ ଦୃଷ୍ଟିରେ ରଖି ସେ ସ୍ଥାନୀୟ ଲୋକ ଓ ଜଳ ସେଚନ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଏକ ଗରଶବ ଖସଲଷ୍ଟ ପ୍ରକଳ୍ପ ପାଇଁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ନୂଆପଡ଼ାର କେତକ ଗୁରୁତ୍ୱପୂର୍ଣ୍ଣ ମନ୍ଦିର ର ବିକାଶ ପାଇଁ ମଧ୍ୟ ଶ୍ରୀ ପାଣ୍ଡିଆନ ନିଷ୍ପତି ନେଇଛନ୍ତି। ପାଟୋରା ସ୍ଥିତ ଯୋଗେଶ୍ୱର ମହାଦେବ ମନ୍ଦିରର ରୂପାନ୍ତର ସଂପର୍କରେ ସେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରର ରୁପାନ୍ତର ଓ ସୌନ୍ଦର୍ଯ୍ୟକରଣ ସହିତ ସେଠାରେ ପର୍ଯ୍ୟଟନ ଓ ଜଳ କ୍ରୀଡା ସୁବିଧାର ବିକାଶ ନିମନ୍ତେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।



ପାତାଳଗଙ୍ଗା ଠାରେ ସେ ଜଗନ୍ନାଥ ମନ୍ଦିର ଓ ରାଧକୃଷ୍ଣ ମନ୍ଦିର ପରିଦର୍ଶନ କରି ସେଠାରେ ମନ୍ଦିର କମିଟି ସଦସ୍ୟ ମାନଙ୍କ ସହ ଆଲୋଚନା କରି ଏହାର ଉନ୍ନତି ସଂପର୍କରେ ସବିଶେଷ ତଥ୍ୟ ନେଇଥିଲେ। ଏହାର ରୁପାନ୍ତର ପାଇଁ ରିପୋର୍ଟ ପ୍ରଦାନ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ସୁନାବେଡ଼ା ର ସୁନଦେଇ ମନ୍ଦିର ପରିଦର୍ଶନ କରି ଏହାର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣ ପାଇଁ ସେବାୟତ ଓ ସ୍ଥାନୀୟ ଲୋକ ମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ ମନ୍ଦିର ସହିତ ସ୍ଥାନୀୟ ଅଂଚଳର ସାମଗ୍ରୀକ ବିକାଶ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ତେଣୁ ସୁନାବେଡ଼ା ପାର୍ବତ୍ୟାଂଚଳର ସାମଗ୍ରୀକ ବିକାଶ ପାଇଁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ।

ବୋଡ଼େନ ଠାରେ ମିଶନ ଶକ୍ତି କେଫ ପରିଦର୍ଶନ କରି ସେଠାରେ ମିଶନ ଶକ୍ତି ର ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରି ସେମାନଙ୍କୁ ଅଧିକ ସୁବିଧା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ଲିତିସର୍ଗୀ ଠାରେ ସେ ରୂପାନ୍ତରିତ ଗୋପୀନାଥ ହାଇ ସ୍କୁଲ୍ ପରିଦର୍ଶନ କରି ଛାତ୍ର, ଛାତ୍ରୀ, ଅଭିଭାବକ, ଶିକ୍ଷକ ଓ ପୁରାତନ ଛାତ୍ର ମାନଙ୍କ ସହ ଆଲୋଚନା କରିଥିଲେ। ପିଲା ମାନଙ୍କ ପାଇଁ ଆଧୁନିକ ଶିକ୍ଷାର ସୁବିଧା ହୋଇ ଥିବାରୁ ସେମାନେ ଖୁସି ପ୍ରକାଶ କରିଥିଲେ। ପିଲା ମାନେ ଭଲ ପାଠ ପଢି ଓଡ଼ିଶାର ଉନ୍ନତି ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ।

ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେ ଆମ ହସ୍ପିଟାଲ୍ କାର୍ଯ୍ୟକ୍ରମର ସମୀକ୍ଷା କରି ବ୍ୟବସ୍ଥାର ବିଭିନ୍ନ ମାପଦଣ୍ଡ ସଂପର୍କରେ ଅନୁଧ୍ୟାନ କରିଥିଲେ। ରୋଗୀ ମାନଙ୍କ ସହ ଆଲୋଚନା କରି ସେମାନେ ଏହି ବ୍ୟବସ୍ଥା ଦ୍ୱାରା କେତେ ସୁବିଧା ପାଉଛନ୍ତି, ସେମାନେ ଖୁସି ଅଛନ୍ତି ନା ନାହିଁ, ସେ ସଂପର୍କରେ ପଚାରି ବୁଝିଥିଲେ ଓ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ

ଖଡିଆଳ ସବ୍ ଡିଭିଜନାଲ ହସ୍ପିଟାଲ ରେ ସେ ଆମ ହସ୍ପିଟାଲ୍ କାର୍ଯ୍ୟକ୍ରମ ସମୀକ୍ଷା କରି ରୋଗୀ ମାନଙ୍କୁ ସେମାନଙ୍କୁ ମିଳୁଥିବା ସୁବିଧା ସଂପର୍କରେ ପଚାରି ବୁଝି ଥିଲେ। ବ୍ୟବସ୍ଥାର ଉନ୍ନତି ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ଗସ୍ତ ସମୟରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳୀନି ପଣ୍ଡିତ, କ୍ରୀଡା ବିଭାଗ ସଚିବ ଶ୍ରୀ ଆର. ଭିନିଲ କ୍ରିଷ୍ଣା, ଜିଲ୍ଲାପାଳ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ

**ହାଇଦ୍ରାବାଦ,୨୧/୫ :** ଯାତ୍ରୀବାହୀ ଅଟୋକୁ ପଛରୁ ଏକ କାର୍ ଧକ୍କା ଦେବାରୁ ୪ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ଗୋଟିଏ ପରିବାରର। ଆଜି ସକାଳ ପ୍ରାୟ ୭ଟାରେ ତେଲେଙ୍ଗାନାର ମେଡକ ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଛି। ଅଟୋରେ ବସି ଯାତ୍ରୀମାନେ ଗାଜୱେଲର ନିଜାମାବାଦ୍ ଯାଉଥିଲେ। ପୁଲିସ ସୂଚନା ମୁତାବକ, ଏହି କାର୍ ଦୃତଗତିରେ ଆସି ଯାତ୍ରୀବାହୀ ଅଟୋକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ବସିଥିବା ଯାତ୍ରୀମାନେ ମୃତାହତ ହୋଇଛନ୍ତି। ମୃତକମାନେ ହେଲେ ଶେଖର(୪୫),ତାଙ୍କ ପୁଅ ଯଶବନ୍ତ(୯),ବୃଦ୍ଧ ଦମ୍ପତି ବାଲା ନରସାଇଆ(୭୦) ଓ ମାନେମା(୬୨)। ଯେତେବେଳେ କି ଶେଖରଙ୍କ ପତ୍ନୀ କବିତା ଓ ଅନ୍ୟତମ ପୁଅ ଅଭିଳାଷର ଗୁରୁତର ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇବା ପରେ କାର୍‌ର ଡ୍ରାଇଭର ଫେରାର ହୋଇଯାଇଛି। ପୁଲିସ ଏନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

